# ଶିଶୁ ବିକାଶ ପ୍ରକଳ୍ପ କାର୍ଯ୍ୟାଳୟ, ପାଳଲହଡା

ସା/ପୋ- ପାଳଲହଡା, ଜିଲ୍ଲା-ଅନୁଗୁଳ -୭୫୯୧୧୯
Email:cdpopalal.or@nic.in


**ବିଜ୍ଞାପନ ସଂଖ୍ୟା** ୬୧୩ **ତା** ୨୯.୦୪.୨୦୨୪

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ,ସମନ୍ୱିତ ଶିଶୁ ବିକାଶ ଯୋଜନା ପାଳଲହଡା ଙ୍କ କାର୍ଯ୍ୟାଳୟ ଅଧୀନସ୍ଥ **ବଡିସୁଆଁ ଗ୍ରାମପଞ୍ଚାୟତ** **"ବଡିସୁଆଁ ୨ "** ଅଙ୍ଗନୱାଡି କେନ୍ଦ୍ର ରେ ଅ.କର୍ମୀ ପଦବୀ ଖାଲି ଅଛି । ସେହି କେନ୍ଦ୍ରରେ ଅ.କର୍ମୀ ପଦବୀ ପୂରଣ ନିମନ୍ତେ ପ୍ରାର୍ଥିନୀ ଆବଶ୍ୟକ ଅଟେ । **"ବଡିସୁଆଁ ୨ "** ଅ .କେନ୍ଦ୍ରରେ ଅ.କର୍ମୀ ପଦବୀ ନିମନ୍ତେ ଇଚ୍ଛୁକ ପ୍ରାର୍ଥିନୀ(ମହିଳା/ଅବିବାହିତ ଝିଅ) ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଅଙ୍ଗନୱାଡି କେନ୍ଦ୍ର ଅବସ୍ଥିତ ଗ୍ରାମ ଓ ତା ସହିତ ସଲଗ୍ନ ଗ୍ରାମ/ପଡା ର ଇଚ୍ଛୁକ ପ୍ରାର୍ଥିନୀ ମଧ ଦରଖାସ୍ତ ଦାଖଲ କରି ପାରିବେ । ପ୍ରାର୍ଥୀନି ମାନେ **engagement.awc.gov.in** ୱେବସାଇଟ କୁ ଯାଇ ଅନଲାଇନ ମାଧ୍ୟମରେ ନିଜ ଦରଖାସ୍ତ ଦାଖଲ କରିବେ ।

**<u>ଅଙ୍ଗନୱାଡି କର୍ମୀ ପଦବୀ ପୂରଣ ନିମନ୍ତେ ପ୍ରାର୍ଥିନୀ ମାନଙ୍କର ନିମ୍ନଲିଖିତ ଯୋଗ୍ୟତା ଥିବା ଆବଶ୍ୟକ :-</u>**

୧ ) ପ୍ରାର୍ଥିନୀ ନିର୍ଦ୍ଦିଷ୍ଟ ଅ.କେନ୍ଦ୍ର ପରିସରଭୁକ୍ତ ଗ୍ରାମ/ପଡାର ସ୍ଥାୟୀ ବାସିନ୍ଦା ହୋଇଥିବେ।

୨ ) ପ୍ରାର୍ଥିନୀଙ୍କ ବୟସ ୧୮ ବର୍ଷରୁ କମ୍ କିମ୍ବା ୩୫ ବର୍ଷରୁ ଉର୍ଦ୍ଧ୍ୱ ହୋଇନଥିବ । (୦୧.୦୧.୨୦୨୫ ତାରିଖ ସୁଦ୍ଧା )

(ମହିଳା ଓ ଶିଶୁ ବିକାଶ ବିଭାଗ ପତ୍ର ସଂଖ୍ୟା **WCD-ICDS-G-MISC-0033-2022 "୪୯୭୦ / ତା.୧୫.୦୩.୨୦୨୩ "**)

୩ ) **ପ୍ରାର୍ଥିନୀଙ୍କ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ଦ୍ୱାଦଶ ଶ୍ରେଣୀ ହୋଇଥିବ ।**

(ମହିଳା ଓ ଶିଶୁ ବିକାଶ ବିଭାଗ ପତ୍ର ସଂଖ୍ୟା **WCD-ICDS-G-MISC-0033-2022 "୪୯୭୦/ତା.୧୫.୦୩.୨୦୨୩ "**)

କ) ପ୍ରାର୍ଥିନୀ କୁ ଓଡିଆ ଚିହ୍ନିବା ବାଧ୍ୟତାମୂଳକ ଅଟେ । ତେଣୁ ଅ.କର୍ମୀ ଚୟନ ପାଇଁ ଓଡିଆ ଜ୍ଞାନ ବାଧ୍ୟତାମୂଳକ ଅଟେ ।

ଖ) ଦ୍ୱାଦଶ ଶ୍ରେଣୀ ପରୀକ୍ଷା ରେ ହାସଲ କରିଥିବା ମାର୍କ (%) ଆଧାରରେ ଆବେଦନକାରୀ ଙ୍କର ମେରିଟ ଲିଷ୍ଟ ପ୍ରସ୍ତୁତ କରାଯିବ ଓ ସେହି ଅନୁଯାୟୀ ଶତକଡା ଗଣନା କରାଯିବ । ଦ୍ୱାଦଶ ପରୀକ୍ଷା ରେ ରଖିଥିବା ଶତକଡା ନମ୍ବର (%) ସହିତ ନିମ୍ନ ପ୍ରଦତ୍ତ ଗୋଷ୍ଠୀ ଅନ୍ତର୍ଭୁକ୍ତ ଆବେଦନକାରୀ ମାନଙ୍କୁ ମିଳିଥିବା ସ୍ୱତନ୍ତ୍ର ନମ୍ବର ପଏଣ୍ଟ (%) ସହ ମିଶାଣ କରାଯାଇ, ପ୍ରାପ୍ତ ନମ୍ବର (%) ଅନୁଯାୟୀ ଆବେଦନକାରୀ ମାନଙ୍କର ଯୋଗ୍ୟତା ତାଲିକା ପ୍ରସ୍ତୁତ କରାଯିବ ।

୪କ ) ଅନୁସୂଚିତ ଜାତି/ଅନୁସୂଚିତ ଜନଜାତି (ହରିଜନ/ଆଦିବାସୀ) -୧୦ %

ଖ ) ବିଧବା - ୧୦ %

ଗ ) ଅନାଥ ଝିଅ (ଜୈବିକ କିମ୍ବା ଆଇନଗତ ପିତାମାତା ନ ଥିବ) -୧୦%

ଘ ) ଶାରୀରିକ ଭିନ୍ନକ୍ଷମ ମହିଳା (୪୦% ରୁ ଅଧିକ ଭିନ୍ନକ୍ଷମ କୁ ଶାରୀରିକ ଭିନ୍ନକ୍ଷମ ଗ୍ରହଣ କରାଯିବ ) -୦୫%

ଙ) ନିରାଶ୍ରୟ/ଛାଡପତ୍ର/ସ୍ୱାମୀ ପରିତ୍ୟକ୍ତା ମହିଳା -୦୫%

ଚ )ଦ୍ୱାଦଶ ଶ୍ରେଣୀରୁ ଉର୍ଦ୍ଧ୍ୱ ଶିକ୍ଷାଗତ ଯୋଗ୍ୟତା ଥିଲେ -୦୫%

ଛ ) ପ୍ରାର୍ଥିନୀ ସର୍ବଶିକ୍ଷା ଅଭିଯାନ ଅଧୀନରେ (NPEGEL (National Programme for Education of Girls at Elementary Level) ଅଧୀନରେ ECCE (Early Child Care Education) ୱାର୍କର ଭାବରେ କାର୍ଯ୍ୟ କରିଛନ୍ତି, ତେବେ ବର୍ଷକୁ ୫ ନମ୍ବର କରି ସର୍ବାଧିକ ୧୫% ନମ୍ବର ଦିଆଯିବାର ବ୍ୟବସ୍ଥା ଅଛି । (ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦ୍ୱାରା ପ୍ରାପ୍ତ ତଥା ପରିଚାଳିତ ECCE ର ପ୍ରମାଣ ପତ୍ର ଗ୍ରହଣଯୋଗ୍ୟ ହେବ ନାହିଁ ।)

ଜ ) ଯଦି ପ୍ରାର୍ଥିନୀ ଉକ୍ତ ଗ୍ରାମାଞ୍ଚିତ ବାଲୱାଡ଼ି କେନ୍ଦ୍ରରେ ବାଲୱାଡ଼ି କର୍ମୀ ଭାବରେ ନିୟୋଜିତ ଥାନ୍ତି ,ତେବେ ବର୍ଷକୁ ୫ ନମ୍ବର ସର୍ବାଧିକ ୧୫% ନମ୍ବର କରି ସ୍ୱତନ୍ତ୍ର ନମ୍ବର ଦିଆଯିବାର ବ୍ୟବସ୍ଥା ଅଛି ।

୫) ମାଡା ଅଞ୍ଚଳରେ ଅବସ୍ଥିତ କେନ୍ଦ୍ରଗୁଡିକ ପାଇଁ ଓଡିଶା ସରକାରଙ୍କର ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶନାମା ସଂଖ୍ୟା ୪୦୪/ତା.୧୮.୦୮.୨୦୦୮ ରିଖ ପ୍ରଯୁଜ୍ୟ ହେବ । ଅର୍ଥାତ ମାଡା ଅଞ୍ଚଳରେ ଅବସ୍ଥିତ କେନ୍ଦ୍ର ଗୁଡିକ ପାଇଁ କେବଳ ହରିଜନ/ଆଦିବାସୀ ପ୍ରାର୍ଥିନୀ ଦରଖାସ୍ତ ଆବେଦନ କରିପାରିବେ । ସାଧାରଣ ବର୍ଗର ପ୍ରାର୍ଥିନୀ ଦରଖାସ୍ତ କରିଥିଲେ ତାଙ୍କର ଦରଖାସ୍ତ ଗୁଡିକୁ ବିଚାରକୁ ନିଆଯିବ ନାହିଁ । ଅର୍ଥାତ୍ ସାଧାରଣ ବର୍ଗ ର ପ୍ରାର୍ଥିନୀ ଦରଖାସ୍ତ କରିଥିଲେ ତାଙ୍କର ଦରଖାସ୍ତକୁ ଯାଞ୍ଚ ସମୟରେ ନାକଚ କରିଦିଆଯିବ ।

୬(କ) ଅ.ସହାୟିକାଙ୍କ ର ଆବଶ୍ୟକ ଦ୍ୱାଦଶ ଶ୍ରେଣୀ ଶିକ୍ଷାଗତ ଯୋଗ୍ୟତା ଥିଲେ ଓ ଉପଯୁକ୍ତ ବୋଲି ପ୍ରମାଣିତ ହୁଅନ୍ତି ଏବଂ ୫ ବର୍ଷରୁ ଅଧିକ ଅଭିଜ୍ଞତା ରହିଥିବ, ତେବେ ସେ ଯେ କୌଣସି ବର୍ଗର ହୋଇଥିଲେ ମଧ ତାଙ୍କୁ ଅ.କର୍ମୀ ଭାବରେ ଚୟନ କରାଯିବ ।

ଖ)ଅ.କର୍ମୀ ଭାବେ ଚୟନ ପାଇଁ ଅ.ସହାୟିକା ଙ୍କ କ୍ଷେତ୍ରରେ ବୟସ ସୀମା ସର୍ବାଧିକ ୧୦ ବର୍ଷ କୋହଳ କରାଯାଇପାରିବ ।

୭(କ) ସମନ୍ୱିତ ଶିଶୁ ବିକାଶ ଯୋଜନା ଅଞ୍ଚଳରେ ଥିବା ବାଲୱାଡ଼ି କେନ୍ଦ୍ର ଗୁଡିକ ବନ୍ଦ ହେବା ପରେ ଧାରା ୩ ଅନୁଯାୟୀ ଆବଶ୍ୟକ ଦ୍ୱାଦଶ ଶ୍ରେଣୀ ଶିକ୍ଷାଗତ ଯୋଗ୍ୟତା ଥିବା ବାଲୱାଡ଼ି କର୍ମୀମାନେ ଯଦି ଉପଯୁକ୍ତ ବୋଲି ପ୍ରମାଣିତ ହୁଅନ୍ତି ଏବଂ ୫ବର୍ଷରୁ ଅଧିକ ସମୟ ଧରି କାର୍ଯ୍ୟ କରିଛନ୍ତି, ତେବେ ସେମାନ ଙ୍କୁ ଅ.କର୍ମୀ ଭାବରେ ଚୟନ କରାଯିବ ।

(ଖ ) ଅ.କର୍ମୀ ଭାବେ ଚୟନ ନିମନ୍ତେ ,ବାଲୱାଡ଼ି କର୍ମୀ ଙ୍କ ବୟସସୀମା ସର୍ବାଧିକ ୧୦ ବର୍ଷ କୋହଳ କରାଯିବ ।

୮) ଶାରୀରିକ ଅକ୍ଷମ କ୍ଷେତ୍ରରେ ମେଡିକାଲ ବୋର୍ଡ ପ୍ରମାଣପତ୍ର ର ସହି ନକଲ ଦାଖଲ କରିବେ ।

୯) ସ୍ୱାମୀ ପରିତ୍ୟକ୍ତ ମହିଳାମାନେ ପ୍ରମାଣ ସ୍ୱରୂପ କୋର୍ଟର ପ୍ରମାଣପତ୍ର ଦାଖଲ କରିବେ।

୧୦) ପ୍ରାର୍ଥିନୀ **engagement.awc.gov.in** ୱେବସାଇଟ କୁ ଯାଇ ଅନଲାଇନ ମାଧ୍ୟମରେ ଆବଶ୍ୟକୀୟ ସମସ୍ତ ପ୍ରମାଣ ପତ୍ର (ବାସିନ୍ଦା, ଜାତି, ଶିକ୍ଷାଗତ, ଯୋଗ୍ୟତା)କୁ ସଠିକ ଭାବରେ ଯାଞ୍ଚ କରି ଅନଲାଇନ ରେ ଅପଲୋଡ, କରିବେ। ଯଦି ପ୍ରାର୍ଥିନୀ ପ୍ରମାଣପତ୍ର ଅପଲୋଡ ସମୟରେ କିଛି ତ୍ରୁଟି କରନ୍ତି, ତେବେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । **engagement.awc.gov.in** online ରେ ପ୍ରାର୍ଥିନୀ **ତା.୦୨.୦୬.୨୦୨୫ ରିଖ ଠାରୁ ତା.୧୬.୦୬.୨୦୨୫ ରିଖ** ମଧ୍ୟରେ ଦରଖାସ୍ତ ଦାଖଲ କରିବେ। ଦରଖାସ୍ତ ଗ୍ରହଣ ର ଶେଷ **ତା.୧୬.୦୬.୨୦୨୫ ରିଖ** । ନିର୍ଦ୍ଧାରିତ ତାରିଖ ପରେ ଅନଲାଇନ ରେ ଦରଖାସ୍ତ ଗ୍ରହଣୀୟ ନୁହେଁ ।

୧୧) **ତା.୧୭ .୦୬ .୨୦୨୫ ରିଖ ପୂର୍ବାହ୍ନ ୧୧:୦୦ ଘଟିକା** ସମୟରେ ପ୍ରାର୍ଥିନୀ ମାନଙ୍କର ଦରଖାସ୍ତ ଗୁଡିକ ମନୋନୟନ କମିଟି ସଭ୍ୟ/ସଭ୍ୟା, ଅଧକ୍ଷ ଙ୍କ ଏବଂ ପ୍ରାର୍ଥିନୀମାନଙ୍କ ଉପସ୍ଥିତିରେ ଅନଲାଇନ ରେ ପ୍ରାର୍ଥିନୀ ଙ୍କ ଦ୍ୱାରା ଦାଖଲ କରାଯାଇଥିବା ପ୍ରମାଣପତ୍ର କୁ ମୂଳ ପ୍ରମାଣପତ୍ର ସହ ନିଜେ ଉପସ୍ଥିତ ରହିବେ । ପ୍ରାର୍ଥିନୀ ଯାଞ୍ଚ ସମୟରେ ଅନୁପସ୍ଥିତ ରହିଲେ କର୍ତ୍ତୃପକ୍ଷ

ଦାୟୀ ରହିବେ ନାହିଁ । ଆବଶ୍ୟକ ସ୍ଥଳେ ଚୟନ କମିଟି ଅଧକ୍ଷ ଙ୍କ ନିର୍ଦ୍ଦେଶ ଓ ଅନୁମୋଦନ କ୍ରମେ ଯେ କୌଣସି ସମୟରେ ପ୍ରକାଶିତ ବିଜ୍ଞାପନ କୁ ରଦ୍ଦ କରାଯାଇପାରିବ ।

ସି. ମହାନ୍ତି
୨୩.୦୪.୨୦୨୪
ଶିଶୁ ବିକାଶ ଯୋଜନା ଅଧିକାରୀ,ପାଲଲହଡା
ଶିଶୁ ବିକାଶ ଯୋଜନା ଅଧିକାରୀ
ପାଲଲହଡା

ପରିପତ୍ର ସଂଖ୍ୟା ୪୧୮ ତା ୨୯.୦୪.୨୦୨୪

ଏହାର ଏକକିତ ନକଲ ସମ୍ପୃକ୍ତ ଗ୍ରାମର ଗ୍ରାମବାସୀ ମାନଙ୍କ ଅବଗତି ନିମନ୍ତେ ଗ୍ରାମର ମଧ୍ୟସ୍ଥଳ, କୋଠଘର, ଅ.କେନ୍ଦ୍ର ରେ ଅଧିସୂଚନା ଜାରି କରାଗଲା ।

ସି. ମହାନ୍ତି
୨୩.୦୪.୨୦୨୪
ଶିଶୁ ବିକାଶ ଯୋଜନା ଅଧିକାରୀ,ପାଲଲହଡା
ପାଲଲହଡା

ପରିପତ୍ର ସଂଖ୍ୟା ୪୧୯ ତା ୨୯.୦୪.୨୦୨୪

ଏହାର ଏକକିତା ନକଲ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟର ନୋଟିସ ବୋର୍ଡ/ପଞ୍ଚାୟତ ସମିତି କାର୍ଯ୍ୟାଳୟ , ପାଲଲହଡା /ତହସିଲଦାର,ପାଲଲହଡା /ବ୍ଲକ ଶିକ୍ଷା ଅଧିକାରୀ ପାଲଲହଡା /ସମ୍ପୃକ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶନ ପାଇଁ ପ୍ରେରଣ କରାଗଲା ।

ସି. ମହାନ୍ତି
୨୩.୦୪.୨୦୨୪
ଶିଶୁ ବିକାଶ ଯୋଜନା ଅଧିକାରୀ,ପାଲଲହଡା
ପାଲଲହଡା

ପରିପତ୍ର ସଂଖ୍ୟା ୪୨୦ ତା ୨୯.୦୪.୨୦୨୪

ଏହାର ଏକକିତା ନକଲ ଉପ-ଜିଲ୍ଲାପାଳ,ପାଲଲହଡା/ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ଅନୁଗୋଳ ଙ୍କ ସଦୟ ଅବଗତି ନିମନ୍ତେପ୍ରେରଣ କରାଗଲା ।

ସି. ମହାନ୍ତି
୨୩.୦୪.୨୦୨୪
ଶିଶୁ ବିକାଶ ଯୋଜନା ଅଧିକାରୀ,ପାଲଲହଡା
ପାଲଲହଡା

## ଅ.କେନ୍ଦ୍ର ଗୁଡିକର ତାଲିକା

| କ୍ର .ସଂଖ୍ୟା | କେନ୍ଦ୍ରର ନାମ | ସଂଯୁକ୍ତ ଗ୍ରାମ/ପଡାର ନାମ | ପଞ୍ଚାୟତର ନାମ |
|---|---|---|---|
| ୦୧ | ବଡିସୁଆଁ ୨ | **ବଡିସୁଆଁ ୨** (ଘରସଂଖ୍ୟା-୦୦୧ , ବିଜୟ ନାଏକ ଙ୍କ ଠାରୁ ଘରସଂଖ୍ୟା-୧୨୦ , ବାବୁଲା ଧାଙ୍ଗଡ) | ବଡିସୁଆଁ |

ସି. ମହାନ୍ତି
୨୩.୦୪.୨୦୨୪
ଶିଶୁ ବିକାଶ ଯୋଜନା ଅଧିକାରୀ,ପାଲଲହଡା